ରାଜପାଲ

ବନାମ

ହରିୟାଣା ରାଜ୍ୟ ଏବଂ ଅନ୍ୟମାନେ

20 ନଭେମ୍ବର, 1995

[କେ. ରାମାସ୍ୱାମୀ ଏବଂ ବି.ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ନିୟମିତକରଣ — ସମାନ ସ୍ଥିତିରେ ଥିବା ବ୍ୟକ୍ତିମାନେ ପୂର୍ବରୁ ନିୟମିତ ହୋଇଛନ୍ତି - ଅପିଲକାରୀଙ୍କୁ ଚାକିରିରେ ନିଆଯିବ ଏବଂ ନିୟମିତ କରାଯିବ - ତେବେ ସେ ପୂର୍ବ ବେତନ ପାଇବେ ନାହିଁ, କିନ୍ତୁ ଅନ୍ୟାନ୍ୟ ସମସ୍ତ ଆନୁଷଙ୍ଗିକ ସୁବିଧା ପାଇବେ ।*

**ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ବିରୋଧରେ ଏହି ଅପିଲରେ, ଅପିଲକାରୀ ନିୟମିତ କରିବା ପାଇଁ ପ୍ରାର୍ଥନା କରିଥିଲେ ।**

**ଅପିଲକୁ ଅନୁମତି ଦେଇ, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ କଲେ: 1. ଯେହେତୁ ସମାନ ସ୍ଥିତିରେ ଥିବା ବ୍ୟକ୍ତିମାନଙ୍କୁ ସେବାରେ ନିଆଯାଇଥିଲା ଏବଂ ସେମାନଙ୍କ ସେବାକୁ ନିୟମିତ କରାଯାଇଥିଲା, ତେଣୁ ଅପିଲକାରୀ, ଯିଏ କି ଏହି କ୍ଷେତ୍ରରେ ଏକମାତ୍ର ବ୍ୟକ୍ତି ବାକି ରହିଯାଇଛନ୍ତି, ସେ ମଧ୍ୟ ସେହି ସମାନ ସ୍ଥିତିରେ ଅଛନ୍ତି । ଏହି ସ୍ୱତନ୍ତ୍ର ପରିସ୍ଥିତିରେ, ସେ ମଧ୍ୟ ସମାନ ରିହାତି ପାଇବାକୁ ହକ୍‌ଦାର ।**

**2. ଏହି ଆଦେଶ ପାଇବାର ତାରିଖରୁ ଚାରି ସପ୍ତାହ ମଧ୍ୟରେ ଅପିଲକାରୀଙ୍କୁ ସେବାରେ ନିୟୋଜିତ କରିବାକୁ ଉତ୍ତରଦାତାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କିନ୍ତୁ ଅପିଲକାରୀ ପୂର୍ବ ଦେୟ ପାଇବାକୁ ହକ୍‌ଦାର ହେବେ ନାହିଁ; ତେବେ ସେ ଅନ୍ୟ ସମସ୍ତ ଆନୁଷଙ୍ଗିକ ସହାୟତା ପାଇବେ ।**

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 11401/1995 ।

ଆର୍.ଏସ୍.ଏ. ସଂଖ୍ୟା 1065/1992ରେ ପଞ୍ଜାବ ଓ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ 8.9.92 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପକ୍ଷରୁ ଏସ୍.ଏମ୍. ହୁଡା, ମହିନ୍ଦର ସିଂହ ଦାହିୟା ।

ଉତ୍ତରଦାତାମାନଙ୍କ ପାଇଁ ସୁଶ୍ରୀ ସୁରୁଚି ଅଗ୍ରୱାଲ ଏବଂ ସୁଶ୍ରୀ ଇନ୍ଦୁ ମାଲହୋତ୍ରା ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଳମ୍ବକୁ କ୍ଷମା କରାଗଲା ।

ଅନୁମତି ପ୍ରଦାନ କରାଗଲା ।

ଏସ୍.ଏଲ୍.ପି. (ସି) ସଂଖ୍ୟା 3099-3100/85 ଏବଂ ସାମୁହିକ ମାମଲାରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ପାରିତ ହୋଇଥିବା ଆଦେଶକୁ ଦୃଷ୍ଟିରେ ରଖି, ସମାନ ଭାବେ ଅବସ୍ଥାପିତ ବ୍ୟକ୍ତିମାନଙ୍କୁ ସ୍ୱୀକାରଯୋଗ୍ୟ ଭାବରେ ସେବାରେ ନିଆଯାଇଥିଲା ଏବଂ ସେମାନଙ୍କ ସେବାକୁ ନିୟମିତ କରାଯାଇଛି । ଏହି ପରିସ୍ଥିତିରେ, ଯେହେତୁ ଅପିଲକାରୀ, ଯିଏ କି ଏହି କ୍ଷେତ୍ରରେ ଏକମାତ୍ର ବାକି ରହିଯାଇଥିବା ବ୍ୟକ୍ତି, ସେ ମଧ୍ୟ ସମାନ ସ୍ଥିତିରେ ରହିଛନ୍ତି, ଆମେ ଭାବୁଛୁ, ଏହି ସ୍ୱତନ୍ତ୍ର ପରିସ୍ଥିତିରେ, ସେ ମଧ୍ୟ ସମାନ ପ୍ରତିକାର ପାଇବାକୁ ହକଦାର ।

ତଦନୁସାରେ ଅପିଲକୁ ଅନୁମତି ଦିଆଯାଇଛି । କିନ୍ତୁ ଅପିଲକାରୀ ପୂର୍ବ ଦେୟ ପାଇବାକୁ ହକ୍‌ଦାର ହେବେ ନାହିଁ; ତେବେ ସେ ଅନ୍ୟ ସମସ୍ତ ଆନୁଷଙ୍ଗିକ ସହାୟତା ପାଇବେ । ଏହି ଆଦେଶ ପାଇବା ତାରିଖରୁ ଚାରି ସପ୍ତାହ ମଧ୍ୟରେ ଅପିଲକାରୀଙ୍କୁ ସେବାରେ ନିୟୋଜିତ କରିବାକୁ ଉତ୍ତରଦାତାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଜି.ଏନ୍. ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।